# ଧାନ-ବତକ-ମାଛ ସମନ୍ୱିତ କୃଷି ଏବଂ ମୁକ୍ତାଙ୍ଗନ କୁକ୍କୁଟ ପାଳନ

# RICE-DUCK-FISH INTEGRATED AGRICULTURAL PRACTICE & BACKYARD POULTRY PRODUCTION




**ଡଃ. ଆନି ପୁନମ**
ପ୍ରଧାନ ବୈଜ୍ଞାନିକ
ଆଇ.ସି.ଏ.ଆର-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ
କଟକ-୭୫୩୦୦୬

**ଡଃ. ସୁନୀଲ ଚନ୍ଦ୍ର ଗିରି**
ପ୍ରଧାନ ବୈଜ୍ଞାନିକ
ଆଇ.ସି.ଏ.ଆର-କୁକ୍କୁଟ ଗବେଷଣା ନିର୍ଦ୍ଦେଶାଳୟ
(ଆଞ୍ଚଳିକ କେନ୍ଦ୍ର), ଭୁବନେଶ୍ୱର-୭୫୧୦୦୩








ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ
କଟକ (ଓଡିଶା) ୭୫୩୦୦୬

**ICAR-NATIONAL RICE RESEARCH INSTITUTE**
Cuttack, (Odisha) 753006





















**ଏନ୍.ଆର୍.ଆର୍.ଆଇ. ବୈଷୟିକ ଇସ୍ତାହାର-୧୭୦**

**©ସମସ୍ତ ସତ୍ତ୍ୱ ସଂରକ୍ଷିତ: ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, ସେପ୍ଟେମ୍ବର-୨୦୨୧**

ଟାଇପ୍ ସେଟ୍ : ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ (ଓଡିଶା) ୭୫୩ ୦୦୬
ପ୍ରକାଶକ : ନିର୍ଦ୍ଦେଶକ, ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ
ମୁଦ୍ରଣ : ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା.ଲିଃ., ଭୁବନେଶ୍ୱର



# ଧାନ-ବତକ-ମାଛ ସମନ୍ୱିତ କୃଷି ଏବଂ ମୁକ୍ତାଙ୍ଗନ କୁକ୍କୁଟ ପାଳନ

# RICE-DUCK-FISH INTEGRATED AGRICULTURAL PRACTICE & BACKYARD POULTRY PRODUCTION




ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ

କଟକ (ଓଡ଼ିଶା) ୭୫୩୦୦୬

**ICAR-NATIONAL RICE RESEARCH INSTITUTE**

Cuttack, (Odisha) 753006

# ଧାନ-ବତକ-ମାଛ ସମନ୍ୱିତ କୃଷି ଏବଂ ମୁକ୍ତାଙ୍ଗନ କୁକ୍କୁଟ ପାଳନ

## RICE-DUCK-FISH INTEGRATED AGRICULTURAL PRACTICE & BACKYARD POULTRY PRODUCTION


Compiled & Edited by

ଡଃ. ସୁନୀଲ ଚନ୍ଦ୍ର ଗିରି
*Dr. S.C. Giri*
ICAR-DPR (RS), Bhubaneswar

ଡଃ. ଆନି ପୁନମ
*Dr. Annie Poonam*
ICAR-NRRI, Cuttack

ଡଃ. ଶ୍ରୀକାନ୍ତ ଲେଙ୍କା
*Dr. Srikant Lenka*
ICAR-NRRI, Cuttack

ଡଃ. ଭବାନି ଶଙ୍କର ଶତପଥୀ
*Dr. Bhabani Shankar Satapathy*
ICAR-NRRI, Cuttack

ଡଃ. ବିଜୟକୁମାର ଏସ
*Dr. Vijaykumar S*
ICAR-NRRI, Cuttack



ସେପ୍ଟେମ୍ବର ୨୦୨୧
September 2021

**ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ**
**କଟକ (ଓଡିଶା) ୭୫୩୦୦୬**

**ICAR-NATIONAL RICE RESEARCH INSTITUTE**
Cuttack (Odisha)-753006
Web: https://icar-nrri.in/

# ମୁଖବନ୍ଧ

ଓଡ଼ିଶା ଏକ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ବହୁଳ କୃଷି ପ୍ରଧାନ ରାଜ୍ୟ । କୃଷି, ଉଦ୍ୟାନ କୃଷି ସହିତ ଆନୁସଙ୍ଗିକ କୃଷି ଯଥା ମାଛଚାଷ, ପ୍ରାଣୀ ପାଳନ, ମହୁ ଚାଷ, ଛତୁ ଚାଷ ଇତ୍ୟାଦି ଉପରେ ନିର୍ଭର କରି ଚାଷିମାନେ ନିଜର ଗୁଜୁରାଣ ମେଣ୍ଟାଇବା ସହିତ ରାଜ୍ୟର ଖାଦ୍ୟ ଚାହିଦା ପୂରଣ କରିବାରେ ଯୋଗଦାନ କରନ୍ତି । ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ଆମ ରାଜ୍ୟରେ କୃଷି ଏବଂ କୃଷି ଉତ୍ପାଦନ ନାନା ପ୍ରକାର ପ୍ରାକୃତିକ ଦୁର୍ବିପାକ ଯଥା ମରୁଡ଼ି, ବନ୍ୟା ଏବଂ ବାତ୍ୟା ଦ୍ୱାରା ବିଶେଷ ପ୍ରଭାବିତ ହେଉଅଛି । ତେଣୁ ପରିବର୍ତ୍ତିତ ଜଳବାୟୁ ସହିତ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଆମକୁ ସମନ୍ୱିତଚାଷ ଉପରେ ଗୁରୁତ୍ୱ ଦେବାକୁ ହେବ । ଏହି ପରିପ୍ରେକ୍ଷୀରେ ଧାନ - ମାଛ - ବତକ - କୁକୁଡ଼ା ସମନ୍ୱିତ ଚାଷ ଏକ ସନ୍ତୁଳିତ ଲାଭଜନକ ପଦ୍ଧତି । ଆମ ରାଜ୍ୟର ଖାଲୁଆ ଧାନ ଜମି, ସମନ୍ୱିତ ଧାନ - ବତକ - ମାଛ ଚାଷ ପାଇଁ ବେଶ ଉପଯୋଗୀ । ଧାନ - ବତକ - ମାଛ ଚାଷରେ ଗୋଟିଏ ଜମିରେ ଏକ ପରିବେଶରେ ଉଭୟ ଉଭୟଙ୍କ ଦ୍ୱାରା ଉପକୃତ ହୋଇ ବଢ଼ନ୍ତି । ତେଣୁ ବଜାର ଦାନାର ଆବଶ୍ୟକତା କମିଯାଏ । ଧାନ ଜମିରେ ମାଛ ଏବଂ ବତକ ମାନଙ୍କଚଳନ ହେତୁ ଅନାବନା ଘାସ, ଅପକାରୀ କୀଟ ଆଦି ଜୈବିକ ଉପାୟରେ ଦମନ ହେବା ସହିତ ଜମିର ଉର୍ବରତା ବୃଦ୍ଧି ହୁଏ ଯାହାକି ଧାନର ଉତ୍ପାଦନ ବଢ଼େଇବାରେ ବେଶ ସହାୟକ ହୁଏ ।

ଏହି ସମ୍ପ୍ରସାରଣ ପୁସ୍ତିକାରେ ଧାନ -ବତକ- ମାଛ ସମନ୍ୱିତ ଚାଷ ବିଷୟରେ ଆଲୋକପାତ ହେବା ସହିତ ବ୍ୟବସାୟିକ ଭିତ୍ତିରେ ବତକ ଏବଂ କୁକୁଡ଼ା ପାଳନ ବିଷୟରେ ଆଲୋଚନା କରାଯାଇଛି । "**ଧାନ - ବତକ - ମାଛ ସମନ୍ୱିତ କୃଷି ଏବଂ ମୁକ୍ତାଙ୍ଗନ କୁକ୍କୁଟ ପାଳନ**" ପୁସ୍ତକଟି ଓଡ଼ିଶାର ଚାଷୀମାନଙ୍କର ଆବଶ୍ୟକତା ପୂରଣ କରିବାରରେ ଅନେକ ସହାୟକ ହେବ । ଏହି ପୁସ୍ତକଟିରେ ସରଳ ଭାବରେ ବର୍ଣ୍ଣନା କରାଯାଇଥିବା ଧାନ - ବତକ - ମାଛ ଚାଷ ଏବଂ ମୁକ୍ତାଙ୍ଗନ କୁକ୍କୁଟ ପାଳନ ଆମ ରାଜ୍ୟରେ ଆଦୃତ ହେବାରେ ସହାୟକ ହେବ । ଆମ ଚାଷୀମାନେ ଏହି ପୁସ୍ତକକୁ ବ୍ୟବହାର କରି ଖାଲୁଆ ଧାନ ଜମିରେ ଉତ୍ପାଦନ ବଢ଼ାଇବା ସହିତ ନିଜର ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିପାରିବେ ।

**(ଦିପଙ୍କର ମାଇତି)**
**ନିର୍ଦ୍ଦେଶକ**
**ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ, ଓଡ଼ିଶା**

ଆମ ଦେଶ ଭାରତବର୍ଷ ଏକ କୃଷି ପ୍ରଧାନ ଦେଶ । ଧାନ, ଗହମ, ମକା ଇତ୍ୟାଦି ସାଙ୍ଗକୁ ଗାଇ, ମଇଁଷି, ମାଛ, କୁକୁଡ଼ା, ବତକ ତଥା ବିଭିନ୍ନ ପ୍ରକାରର ତୈଳ ବୀଜ ଏବଂ ଉଦ୍ୟାନ ଭିତ୍ତିକ କୃଷି ପାଇଁ ଆମ ଦେଶରେ ପ୍ରାଧାନ୍ୟ ଦିଆଯାଇଥାଏ । ବିଶାଳ ଜନସମୁଦାୟଙ୍କୁ ସନ୍ତୁଳିତ ପୋଷଣର ଉଦ୍ୟମ ବ୍ୟବସ୍ଥା କରିବା ପାଇଁ ଏ ଦେଶର ପ୍ରତ୍ୟେକ ନାଗରିକ, ରାଜନୈତିକ ବ୍ୟକ୍ତି, ବୈଜ୍ଞାନିକ, ସର୍ବୋପରି କୃଷକ ସମାଜ ବଦ୍ଧପରିକର । ଏହା ବ୍ୟତୀତ ବଳକା ଖାଦ୍ୟ (ଧାନ, ଗହମ, ମାଛ, ଅଣ୍ଡା, ଦୁଧ ଏବଂ ମାଂସ) ପଦାର୍ଥ ପଡ଼ୋଶୀ ଦେଶମାନଙ୍କୁ ଯୋଗାଇ ବୈଦେଶିକ ମୁଦ୍ରା ଉପାର୍ଜନ କରି ପାରିଲେ ଆମ ଦେଶର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରିବ । ସେହି ପରିପ୍ରେକ୍ଷୀରେ କୁକୁଡ଼ା ଏବଂ ବତକ ପାଳନ ନିମନ୍ତେ ଚାଷୀମାନଙ୍କର ସାମ୍ୟକ୍ ଜ୍ଞାନ ରହିବା ଉଚିତ ।



କୁକ୍କୁଟ ପାଳନ କହିଲେ ଅଣ୍ଡା ଏବଂ ମାଂସ ଜନିତ ପାଳନ କରାଯାଉଥିବା ପକ୍ଷୀ ଯଥା : କୁକୁଡ଼ା, ବତକ, ଟର୍କି, ଗିନି ଫାଉଲ, ଏମୁ ଏବଂ ଗୁଣ୍ଡୁରୀ ପକ୍ଷୀମାନଙ୍କୁ ବୁଝାଇଥାଏ । ଆମ ଦେଶରେ ଉତ୍ପାଦିତ ଅଣ୍ଡାର ପ୍ରାୟ ୯୦ ପ୍ରତିଶତ କୁକୁଡ଼ା ଠାରୁ ମିଳିଥାଏ । ୬ ପ୍ରତିଶତ ବତକ ଏବଂ ବାକି ଅନ୍ୟାନ୍ୟ ପକ୍ଷୀମାନଙ୍କଠାରୁ ମିଳିଥାଏ । ଆଜିକାଲି କୁକୁଡା ପାଳନକୁ ଚାଷ ନକହି ଶିଳ୍ପ (poultry industry) ଭାବେ ବିବେଚନା କରାଯାଉଛି । ବଡ ବଡ କୁକୁଡ଼ା ଫାର୍ମମାନଙ୍କରେ ଲକ୍ଷ ଲକ୍ଷ ସଂଖ୍ୟାରେ ଅଣ୍ଡାଦିଆ (layer) ଅଥବା ମାଂସ ଜାତୀୟ (broiler) କୁକୁଡା ପାଳନ ବୈଜ୍ଞାନିକ ପଦ୍ଧତିରେ କରାଯାଉଛି । ଏଥିପାଇଁ ଅଧିକ ଜମି ଏବଂ ସମ୍ବଳର ଆବଶ୍ୟକ ହୋଇଥାଏ । ପୁଣି ଏତେ ସଂଖ୍ୟକ କୁକୁଡା ପାଇଁ ପ୍ରଚୁର ପରିମାଣରେ ଦାନା ଆବଶ୍ୟକ ହୋଇଥାଏ । ଏହି ଭଳି ବ୍ୟବସାୟରେ ଲାଭ ଅଧିକ ହୋଇଥିଲେ ବି ଏହା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଉପଯୋଗୀ ହୋଇନଥାଏ । ବଜାର ଚାହିଦା, କୁକୁଡ଼ା ଖାଦ୍ୟରେ ବ୍ୟବହୃତ ହେଉଥିବା ଉପାଦାନର ଦର ଏବଂ ବାର୍ଡ ଫ୍ଲୁ ଭଳି ମାରାତ୍ମକ ରୋଗର ପ୍ରାଦୁର୍ଭାବ ଯୋଗୁ ବେଳେବେଳେ କ୍ଷତି ସହିବାକୁ ପଡ଼ିଥାଏ ।

ସେପରି କ୍ଷେତ୍ରରେ ପରିବାରରେ ସନ୍ତୁଳିତ ଖାଦ୍ୟର ଆବଶ୍ୟକତାକୁ ମେଣ୍ଟାଇବା ଏବଂ ଅଳ୍ପ କିଛି ରୋଜଗାର ପାଇଁ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀକୁ ମୁକ୍ତାଙ୍ଗନ କୁକ୍କୁଟ ଏବଂ ବତକ ପାଳନ ଉପରେ ଧ୍ୟାନଦେବା ଦରକାର । ବିଶେଷକରି ଗାଁ ମାନଙ୍କରେ ବିଲକୁ ଯାଉନଥିବା ମହିଳାମାନେ ଏଭଳି କୁକୁଡା ଏବଂ ବତକ ପାଳନ କରି ନିଜ ପରିବାରକୁ ସୁଷମ ଖାଦ୍ୟ ଯୋଗାଇବା ସହିତ ନିଜକୁ ଆର୍ଥିକ ସ୍ୱାବଲମ୍ବନଶୀଳ କରିପାରୁଛନ୍ତି ।

## ମୁକ୍ତାଙ୍ଗନ କୁକୁଡ଼ା/ବତକ ପାଳନ କାହିଁକି କରିବା ?

- କ୍ଷୁଦ୍ର ଏବଂ ନାମ ମାତ୍ର ଚାଷୀଙ୍କ ପାଇଁ ଏହା ରୋଜଗାରର ଏକ ସହଜ ପନ୍ଥା ।
- ଭିତ୍ତିଭୂମି ଏବଂ ସମ୍ବଳ ବିନା ଏହା କରାଯାଇପାରିବ ।
- ପରିବାରକୁ ସନ୍ତୁଳିତ ଆହାର ଯୋଗାଇବାରେ ସହାୟକ ହୋଇଥାଏ ।
- ଫିଙ୍ଗି ଦେଉଥିବା ବଳକା ଖାଦ୍ୟର ଉପଯୋଗ କରାଇ ତା ବଦଳରେ ଅଣ୍ଡା ଏବଂ ମାଂସ ଉତ୍ପାଦନ କରାଯାଇପାରିବ ।
- କ୍ଷୁଦ୍ର ତଥା ଭୂମିହୀନ ପରିବାର ପାଇଁ ସ୍ୱଳ୍ପ ରୋଜଗାରର ଏହା ଏକ ସହଜପନ୍ଥା ।
- ମହିଳା ଏବଂ ବେକାର ଯୁବକମାନଙ୍କ ପାଇଁ ଏହା ଆତ୍ମନିଯୁକ୍ତିର ଏକ ସୁଯୋଗ ଅଟେ ।
- ଏହା ବନ୍ୟା, ବାତ୍ୟା ବା ମରୁଡ଼ି ଇତ୍ୟାଦି ଦୈବଦୁର୍ବିପାକ ଦ୍ୱାରା ଅନ୍ୟାନ୍ୟ ଚାଷ ତୁଳନାରେ ବହୁତ କମ୍ ପ୍ରଭାବିତ ହୋଇଥାଏ ।
- ଅଣ୍ଡା ଏବଂ ମାଂସର କ୍ରମ ବର୍ଦ୍ଧିଷ୍ଣୁ ଚାହିଦା ଦୃଷ୍ଟିରୁ ମୁକ୍ତାଙ୍ଗନ କୁକୁଡ଼ା / ବତକ ପାଳନ ପାଇଁ ବଜାରର (market) ଅଭାବ ନାହିଁ ।
- ବିଶେଷ କରି ବତକ ପାଳନକୁ ମାଛ ଚାଷ ସହିତ ସମନ୍ୱିତ କୃଷି ଭାବେ ଗ୍ରହଣ କରି ଲାଭ ପରିମାଣ ଦ୍ୱିଗଣିତ କରାଯାଇଥାଏ ।
- କୁକୁଡ଼ା ଏବଂ ବତକ ଆଦିର ମଳ ପ୍ରୟୋଗ ଦ୍ୱାରା ମାଟିର ଉର୍ବରତା ବୃଦ୍ଧି ହୋଇଥାଏ ।

# ମୁକ୍ତାଙ୍ଗନ କୁକ୍କୁଟ ଏବଂ ବତକ ପାଳନଜନିତ ବିଭିନ୍ନ ପ୍ରଜାତି

## ୧) କୁକୁଡ଼ା



କ୍ୟାରୀ ଦେବେନ୍ଦ୍ର

| | | |
|---|---|---|
| ୫ ମାସର ହାରାହାରୀ ଓଜନ | - | ୨.୦ - ୨.୫ କି.ଗ୍ରା. |
| ବର୍ଷକରେ ଅଣ୍ଡା ଦେବା କ୍ଷମତା | - | ୧୮୦ - ୨୦୦ଗୋଟା |
| ଅଣ୍ଡାର ହାରାହାରି ଓଜନ | - | ୫୮ - ୬୦ ଗ୍ରା. |



ବନରାଜା

| | | |
|---|---|---|
| ୫ ମାସର ହାରାହାରୀ ଓଜନ | - | ୨.୨୫ - ୨.୭୫ କି.ଗ୍ରା. |
| ବର୍ଷକରେ ଅଣ୍ଡା ଦେବା କ୍ଷମତା | - | ୧୪୦ - ୧୬୦ ଗୋଟା |
| ଅଣ୍ଡାର ହାରାହାରି ଓଜନ | - | ୬୦  ୬୨ ଗ୍ରା. |



ଗ୍ରାମପ୍ରୀୟା

| | | |
|---|---|---|
| ୫ ମାସର ହାରାହାରୀ ଓଜନ | - | ୧.୭୫ - ୨.୦ କି.ଗ୍ରା. |
| ବର୍ଷକରେ ଅଣ୍ଡା ଦେବା କ୍ଷମତା | - | ୨୦୦ - ୨୨୦ ଭାଗ |
| ଅଣ୍ଡାର ହାରାହାରି ଓଜନ | - | ୫୬ - ୫୮ ଗ୍ରା. |

## ୭) ବତକ



ଖାକି କ୍ୟାମ୍ପବେଲ (ଅଣ୍ଡା ଜାତୀୟ)

୫ ମାସର ହାରାହାରୀ ଓଜନ - ୧.୫ - ୨.୦ କି.ଗ୍ରା.
ବର୍ଷକରେ ଅଣ୍ଡା ଦେବା କ୍ଷମତା - ୩୦୦ - ୩୨୦ ଟି
ଅଣ୍ଡାର ହାରାହାରି ଓଜନ - ୬୦ - ୬୬ ଗ୍ରା.



ହ୍ୱାଇଟ୍ ପେକିନ (ମାଂସ ଜାତୀୟ)

୬ ସପ୍ତାହରେ ହାରାହାରୀ ଓଜନ - ୨.୨୫ - ୨.୭୫ କି.ଗ୍ରା.
ବର୍ଷକରେ ଅଣ୍ଡା ଦେବା କ୍ଷମତା - ୧୨୦ - ୧୪୦ ଟି
ଅଣ୍ଡାର ହାରାହାରି ଓଜନ - ୬୮ - ୭୪ ଗ୍ରା.



ଦେଶୀ (କୁଜି) ବତକ (ଅଣ୍ଡା ଜାତୀୟ)

୫ ମାସର ହାରାହାରୀ ଓଜନ - ୧.୪ - ୧.୮ କି.ଗ୍ରା.
ବର୍ଷକରେ ଅଣ୍ଡା ଦେବା କ୍ଷମତା - ୨୮୦ - ୩୦୦ ଟି
ଅଣ୍ଡାର ହାରାହାରି ଓଜନ - ୬୦ - ୬୮ ଗ୍ରା.

## ମୁକ୍ତାଙ୍ଗନ କୁକ୍କୁଟ ଏବଂ ବତକ ପାଳନ ପଦ୍ଧତି

ସାଧାରଣତଃ ଉନ୍ନତ ଜାତିର କୁକୁଡ଼ା ଏବଂ ବତକ ଛୁଆ ହ୍ୟାଚେରୀରୁ ମିଳିଥାଏ । ହ୍ୟାଚେରୀରୁ ବାହାରୁଥିବା ଛୁଆକୁ ୨୪ ଘଣ୍ଟା ପର୍ଯ୍ୟନ୍ତ ବିନା ଦାନା ଏବଂ ବିନା ପାଣିରେ କୌଣସି ଜାଗାକୁ ନେବା ସମ୍ଭବ ଅଟେ । ତାଠାରୁ ଅଧିକ ସମୟ ଲାଗିଲେ ଛୁଆଗୁଡିକ ମରିବା ଆରମ୍ଭ କରନ୍ତି । କୁକୁଡ଼ା ବା ବତକ ଛୁଆ ହ୍ୟାଚେରୀରୁ ବାହାରିବାର ୧୨ ଘଣ୍ଟା ମଧ୍ୟରେ ଯଥା ସ୍ଥାନରେ ପହଞ୍ଚାଇ ଦାନା ଏବଂ ପାଣି ଦେବାର ବ୍ୟବସ୍ଥା କରାଇବା ଉଚିତ୍ । ଏହାଦ୍ୱାରା ପରବର୍ତ୍ତୀ ସମୟରେ ସେମାନଙ୍କର ଶାରିରୀକ ବୃଦ୍ଧି ଯଥୋଚିତ ହେବା ସହିତ ରୋଗ ମଧ କମ୍ ହୋଇଥାଏ । ଏମାନଙ୍କର ପାଳନ ପଦ୍ଧତିକୁ ଆମେ କେତୋଟି ବିଶେଷ ପର୍ଯ୍ୟାୟରେ ବିଭକ୍ତ କରିଥାଉ । ଯଥା:-

### ୧) କୁକୁଡ଼ା/ବତକ ନିମନ୍ତେ ଘର ତିଆରି



ବତକ ଘର

ମୁକ୍ତାଙ୍ଗନ କୁକ୍କୁଟ/ବତକ ପାଳନ ନିମନ୍ତେ ଅତି କମ୍ ଖର୍ଚ୍ଚରେ ଘରଟିଏ ତିଆରି କରିବା ଦରକାର । ବାଉଁଶ, ନଡ଼ା ଏବଂ ଝାଟିମାଟି ବ୍ୟବହାର କରି ଅଳ୍ପ ଉଚ୍ଚତା ବିଶିଷ୍ଟ ଘର କଲେ ତାହା ଚାଷୀକୁ କମ୍ ଖର୍ଚ୍ଚାନ୍ତ ହେବା ସହିତ କୁକୁଡ଼ା ଏବଂ ବତକମାନଙ୍କୁ ପ୍ରାକୃତିକ ପରିବେଶରୁଅନେକ ଲାଭ ମିଳିଥାଏ । ମାତ୍ର କୁକୁଡ଼ା ଏବଂ ବତକକୁ ଏକାଠି ମିଶାଇ ରଖାଯାଇପାରିବ ନାହିଁ । ଅଲଗା ଅଲଗା ଘର ଏବଂ ପରସ୍ପର ମଧ୍ୟରେ ଯଥେଷ୍ଟ ବ୍ୟବଧାନ ରହିବା ଆବଶ୍ୟକ । ପ୍ରତି କୁକୁଡ଼ା/ବତକ ପାଇଁ୨ ବର୍ଗ ଫୁଟ ହିସାବରେ ଜାଗା ନେଇ ୮-୧୦ ଫୁଟ ଉଚ୍ଚତା ବିଶିଷ୍ଟ ଘରଟିଏ କଲେ ତାହା ଛୁଆଠାରୁ ଅଣ୍ଡା ଦେବା ପର୍ଯ୍ୟନ୍ତ ସବୁବେଳ ପାଇଁ ଉପଯୋଗୀ ହୋଇଥାଏ ।



ପୋଖରୀ ହୁଡ଼ାରେ କୁକୁଡ଼ା ଘର

ନଡ଼ା ଛପର ସାଙ୍ଗକୁ ତାର ଜାଲି ଦ୍ୱାରା ଦୁଇଟି ଝରକା କଲେ ଘର ମଧ୍ୟରେ ବାୟୁ ଚଳାଚଳ ହେବା ସହିତ ଥଣ୍ଡା ମଧ ରହିଥାଏ । ଚଟାଣକୁ ପକ୍କା କରିବାର ଆବଶ୍ୟକତା ନାହିଁ । ମାଟି ଚଟାଣ ଉପରେ ଚଷୁ (୨ ଇଞ୍ଚ ବହଳ) ବିଛାଇ ଦେଲେ ତାହା କୁକୁଡ଼ାମାନଙ୍କ ପାଇଁ ଆରାମଦାୟକ ହୋଇଥାଏ । ମାତ୍ର ବତକ ଘର ଚଟାଣରେ ଚଷୁ ପରିବର୍ତ୍ତେ ଶୁଖିଲା ବାଲି (୩-୪ ଇଞ୍ଚ ବହଳ) ବିଛାଇ ଦେଲେ ତାହା କମ୍ ଅପରିଷ୍କାର ହେବା ସହିତ ଶୁଖିଲା ମଧ ରହେ । ମଝିରେ ମଝିରେ ଚଷୁ/ବାଲିକୁ ପରିବର୍ତ୍ତନ କରିବା ଉଚିତ୍ । ଏହା ରୋଗ ନିୟନ୍ତ୍ରଣରେ ସହାୟକ ହୋଇଥାଏ । ଏଠାରେ ବିଶେଷ ଧ୍ୟାନ ରଖିବା ଦରକାର ଯେ-କୁକୁଡ଼ା/ବତକ ଘର ମଧ୍ୟକୁ ସାପ, ବିଲୁଆ, ବିଲେଇ ଇତ୍ୟାଦି ଶୀକାରୀ ଜୀବ ଯେମିତି ପ୍ରବେଶ ନ କରନ୍ତି । ଏହା ବ୍ୟତିତ ସ୍ଥଳ ବିଶେଷରେ କେହି କେହି କାଠ, ତାରଜାଲି ଏବଂ ଆଜବେଷ୍ଟସ୍ ବ୍ୟବହାର କରି ଶକ୍ତ ଏବଂ ସୁରକ୍ଷିତ ଘର ତିଆରି କରିଥାନ୍ତି । ଏହା ବ୍ୟୟ ସାପେକ୍ଷ ଅଟେ ।

## ୨) ବ୍ରୁଡିଂ



କୁକୁଡ଼ା ଓ ବତକ ଛୁଆ ରଖିବାର ଉପାୟ

ଆବଶ୍ୟକ ପରିମାଣର ଆଲୋକ, ଉତ୍ତାପ, ଖାଦ୍ୟ, ସ୍ୱଚ୍ଛ ପାନୀୟ ଜଳ ଦେଇ ଅତି ଯତ୍ନର ସହିତ କୁକୁଡ଼ା/ବତକ ଛୁଆକୁ ୧୦-୧୫ ଦିନ ପର୍ଯ୍ୟନ୍ତ ବାହାରକୁ ନ ଛାଡି ପାଳନ କରିବାର ପଦ୍ଧତିକୁ ବ୍ରୁଡ଼ିଂ କୁହାଯାଏ । ୨୫-୩୦ ଗୋଟି କୁକୁଡ଼ା/ବତକ ଛୁଆ ପାଇଁ ୩୦ ବର୍ଗଫୁଟ ସ୍ଥାନକୁ ଆବଦ୍ଧ କରାଯାଇ (କାର୍ଟୁନ ଦ୍ୱାରା) ତା ଭିତରେ ଚଷୁ ବିଛାଇ ଦିଆଯାଏ ।ଏକ ୧୦୦ ୱାଟ୍ ଇଲେକ୍‌ଟ୍ରିକ୍ ବଲବକୁ ଭୂଇଁଠାରୁ ୩ ଫୁଟ ଉଚ୍ଚତାରେ କେନ୍ଦ୍ର ସ୍ଥଳରେ ଝୁଲାଇ ରଖିବା ଦରକାର, ଯେମିତିକି ଆଲୋକ ଚାରିଆଡକୁ ବିଛେଇ ପଡୁଥିବ । ଘେରା ଯାଇଥିବା ସ୍ଥାନ ଭିତରେ ଗୋଟିଏ ପାଣି ପାତ୍ର (Waterer) ଏବଂ ଗୋଟିଏ ଖାଦ୍ୟପାତ୍ର (feeder) ରଖାଯାଏ । ଦିନିକିଆ ଛୁଆଗୁଡିକୁ ଆଣିବା ପରେ ପ୍ରଥମେ ସେହି ଘେରା ଯାଇଥିବା ଜାଗାରେ ଛାଡିଦିଆଯାଏ । ପାଣି ପାତ୍ରରେ ସଫା ପାଣି ସାଙ୍ଗକୁ ଦୁଇ ଚାମଚ ଗ୍ଲୁକୋଜ୍ ମିଶାଇ ପ୍ରଥମେ ଥରକ ପାଇଁ ଦିଆଯିବ । ପରବର୍ତ୍ତୀ ସମୟରେ କେବଳ ପାଣି ଦିଆଯାଇଥାଏ । କୁକୁଡ଼ାଛୁଆଙ୍କୁ ଶୁଖିଲା ଦାନା ଏବଂ ବତକ ଛୁଆଙ୍କୁ ପାଣିମିଶା ଭିଜା ଦାନା ଦିଆଯାଏ । ଆବଶ୍ୟକ ପରିମାଣ ଉତ୍ତାପ ମିଳୁଥିଲେ ଛୁଆଗୁଡ଼ିକ ଘେରା ଭିତରେ ଆରାମଦାୟକ ଭାବେ ବିଚରଣ କରିଥାନ୍ତି । ଅନ୍ୟଥା ଅଧିକ ଉତ୍ତାପ ହେଲେ ସେମାନେ ଆଲୁଅ ତଳେ ନ ରହି ଘେରା କଡ଼େକଡ଼େ ବୁଲନ୍ତି । ଏପରି ସ୍ଥଳେ ବଲବ୍‌କୁ ଟିକିଏ ଉପରକୁ ଉଠାଇବା ଦରକାର । ପୁଣି ଉତ୍ତାପ କମିଗଲେ ବା ଥଣ୍ଡା ହେଲେ ସେମାନେ ଆଲୁଅ ତଳକୁ ଆସି ଗୋଟିକ ଉପରେ ଗୋଟିଏ ଚଢ଼ି ଜମା ହୋଇଯାଆନ୍ତି । ଏହାଦ୍ୱାରା ତଳେ ରହିଯାଇଥିବା ଛୁଆ ବାହାରି ନ ପାରି ମରିଯିବାର ସମ୍ଭାବନା ଅଧିକ ଥାଏ । ଏଭଳି ପରିସ୍ଥିତି ପ୍ରାୟ ଶୀତ ଦିନେ ଉପୁଜି ଥାଏ । ଯଦି ଥଣ୍ଡା ଅଧିକ ହୁଏ ତେବେ ଦୁଇଟି ୧୦୦ ୱାଟ ବଲବ୍ ଲଗାଇବା ଉଚିତ ଏବଂ ଦିନ ବେଳା ଗୋଟିଏ ବନ୍ଦ ରଖିଲେ ଛୁଆମାନଙ୍କୁ ଆରାମ ମିଳିଥାଏ ।



ବତକ ବ୍ରୁଡ଼ିଂ

କୁକୁଡ଼ା/ବତକ ଛୁଆମାନଙ୍କୁ ବ୍ରୁଡ଼ିଂ ସମୟରେ ଦିଆଯାଉଥିବା ପିଇବା ପାଣି ଦିନରେ ଚାରିଥର ବଦଳାଇବା ଦରକାର । ପ୍ରତ୍ୟେକ ଥର ପାତ୍ରକୁ ସଫାକରିବା ଉଚିତ । ପ୍ରଥମ ସପ୍ତାହରେ ପାଣିରେ ଟେଟ୍ରାସାଇକ୍ଲିନ୍ ପାଉଡର ୧ ଗ୍ରାମ୍ (Tetracycline powder 1g. in 1ltr. water) ଏକ ଲିଟର ପାଣିରେ ମିଶାଇ ତିନି ଦିନ ପର୍ଯ୍ୟନ୍ତ ଦିଆଯାଇଥାଏ । ଆବଶ୍ୟକ ସ୍ଥଳେ ଭିଟାମିନ୍ (Vimeral liquid 5ml./lit. water) ପାଣିରେ ମିଶାଇ ୩-୪ ଦିନ

ପର୍ଯ୍ୟନ୍ତ ଦିଆଯାଇଥାଏ ।ଏହା ଦ୍ୱାରା ପ୍ରାଥମିକ ମୃତ୍ୟୁହାର କମିଯାଏ । ୧୦-୧୫ ଦିନ ପର୍ଯ୍ୟନ୍ତ ବ୍ରୁଡିଂ କରାଯାଏ । ତା ପରେ କୁକୁଡ଼ା/ବତକ ଛୁଆମାନଙ୍କୁ ଦିନବେଳା ବାହାରକୁ ଛଡାଯାଏ ।



## ବ୍ରୁଡିଂ-ପରବର୍ତ୍ତୀ ପାଳନ ପଦ୍ଧତି

କୁକୁଡ଼ା/ବତକ ଛୁଆମାନଙ୍କୁ ବ୍ରୁଡିଂ ପରେ ଘର ଅଗଣାକୁ ଛାଡ଼ିବା ଦରକାର । ମାତ୍ର ସେହି ସମୟରେ ଶିକାରୀ ପଶୁ ଏବଂ ପକ୍ଷୀମାନଙ୍କଠାରୁ ସୁରକ୍ଷା ଦେବା ନିତ୍ୟାନ୍ତ ଜରୁରୀ । ଆବଶ୍ୟକ ସ୍ଥଳେ ଅଧା ଖରା ଓ ଅଧା ଛାଇ ଥିବା ସ୍ଥାନରେ ପ୍ଲାଷ୍ଟିକ୍ ଜାଲ ଘେରାଯାଇ ତାଭିତରେ କିଛି ସମୟ ପାଇଁ ସେମାନଙ୍କୁ ରଖିବା ଦରକାର ଏବଂ ମଝିରେ ମଝିରେ ଦାନା ଓ ପାଣି ଦିଆଯିବା ଉଚିତ୍ । ଅଧିକ ସମୟ ବାହାରକୁ ଛଡ଼ା ଗଲେ ସେମାନେ ବାହାରର ପରିବେଶ ସହିତ ଖାପ ଖୁଆଇବା ସହିତ ପରିବେଶରୁ ଖାଦ୍ୟ ସଂଗ୍ରହ କରିବାରେ ସମର୍ଥ ହୋଇଥାନ୍ତି । ଏହି ସମୟରେ କିଣା ଦାନା ପରିବର୍ତ୍ତେ ଘରୁ ବାହାରୁଥିବା ବଳକା ଖାଦ୍ୟ, ପରିବା ଚୋପା, ଖୁଦଚାଉଳ, ମୁଗ-ବିରି-କଣି, ମାଛ କାତି ଇତ୍ୟାଦି ଫୋପାଡ଼ି ଦିଆଯାଉଥିବା ଜିନିଷ ସବୁ କୁକୁଡା/ବତକ ମାନଙ୍କୁ ଦିଆଯାଇଥାଏ । ଗୋଟିଏ ସାଧାରଣ ପରିବାରରେ ଯେତିକି ବଳକା ଖାଦ୍ୟ ନଷ୍ଟହୁଏ ତାହା ଏକ ଛୋଟ ୟୁନିଟ (୨୦-୨୫ଟି) କୁକୁଡ଼ା/ବତକ ପାଇଁ ବିଶେଷ ଉପଯୋଗୀ ହୋଇଥାଏ ।ଏହା ବ୍ୟତୀତ ଯଥେଷ୍ଟ ପରିଷ୍କାର ପିଇବା ପାଣିର ବ୍ୟବସ୍ଥା କରିବା ଦରକାର । ବୟସ ଏବଂ ଶରୀରର ବୃଦ୍ଧି ଘଟିବା ସହିତ ଅଧିକ ପୋଷଣର ଆବଶ୍ୟକତା ହୋଇଥାଏ । ତେଣୁ କୁକୁଡ଼ା/ବତକମାନଙ୍କୁ ଆବଶ୍ୟକ ପରିମାଣର ଖାଦ୍ୟ ଦେବା ପ୍ରତି ସତତ ଯତ୍ନବାନ ହେବା ଉଚିତ । ଖାଦ୍ୟର ଅଭାବ ହେଲେ ଶାରୀରିକ ଅଭିବୃଦ୍ଧି ହ୍ରାସ ହୁଏ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଅଣ୍ଡା ଦେବାରେ ବିଳମ୍ବ ହୋଇଥାଏ । ଏହା ଦ୍ୱାରା ଚାଷୀ କ୍ଷତିଗ୍ରସ୍ତ ହୋଇଥାଏ । ସେଥିପାଇଁ ଏହି ଅବସ୍ଥାରେ କୁକୁଡ଼ା/ବତକ ମାନଙ୍କୁ ଅତି କମ୍‌ରେ ୫-୬ ଘଣ୍ଟା ଚରିବାକୁ ଛାଡ଼ିବା ଦରକାର ।



ବ୍ରୁଡ଼ିଂ ପରବର୍ତ୍ତୀ ଅବସ୍ଥାରେ ବତକମାନଙ୍କୁ ପାଳନ କରିବାରେ କିଛିଟା ବ୍ୟତିକ୍ରମ ରହିଥାଏ । ଏହି ସମୟରେ ବତକ ଛୁଆକୁ ପିଇବା ପାଣି ଟିକିଏ ଗଭୀର ଥିବା ପାତ୍ରରେ ଦେବା ଦରକାର । କାରଣ ସେ ପାଣି ପିଇବା ସହିତ ମୁଣ୍ଡ ଏବଂ ଆଖିକୁ ପାଣି ଭିତରେ ବୁଡାଇବାରେ ସକ୍ଷମ ହୁଏ ।

ଏହାଦ୍ୱାରା ତାର ଆଖି ଧୋଇଯାଏ ଏବଂ ପରବର୍ତ୍ତୀ ସମୟରେ ଅନ୍ଧତ୍ୱ ପରିଲକ୍ଷିତ ହୁଏ ନାହିଁ । ମାତ୍ର ଦେଖାଯାଇଛି ଯେ ପାଣିର ସ୍ୱଳ୍ପତା ହେତୁ ୨-୩ ମାସ ଭିତରେ ବତକ ମାନେ ଦେଖିପାରନ୍ତି ନାହିଁ ଏବଂ ଠିକ୍ ଭାବେ ଖାଦ୍ୟ ଖାଇନପାରି ଅନ୍ୟମାନଙ୍କ ଠାରୁ ଯଥେଷ୍ଟ କମ୍ ଓଜନ ହୋଇ ପରେ ମୃତ୍ୟୁ ମୁଖରେ ପଡ଼ନ୍ତି । ଏହା ବ୍ୟତୀତ ଘରୁ ବାହାରୁଥିବା ସମସ୍ତ ଖାଦ୍ୟକୁ ଅଧା ସିଝା କରି ସେଥିରେ କିଛି ପାଣି ମିଶାଇ ବତକମାନଙ୍କୁ ଦେବା ଦରକାର । ଏହାଦ୍ୱାରା ସେମାନେ ଖାଦ୍ୟ ଠିକ୍ ଭାବରେ ଖାଇପାରନ୍ତି ଏବଂ ଶରୀରରେ ଖାଦ୍ୟର ଉଚିତ୍ ଉପଯୋଗ ହୋଇପାରିଥାଏ ।



ଚାଷିଦ୍ୱାରା ନିଜ ଘରେ କୁକୁଡ଼ା ପାଳନ

ବତକ ଛୁଆ ଦେଢ଼ ମାସର ହୋଇଗଲେ ସେମାନଙ୍କୁ ନିକଟସ୍ଥ ଜଳାଶୟ ବା ପୋଖରୀକୁ ଛାଡ଼ିବା ଦରକାର । ଦେଖିବାକୁ ପଡିବ, ଯେମିତିକି ସେମାନେ ଠିକ୍ ଭାବେ ପାଣିରୁ ଉଠି ଆସି ପାରିବେ । ପୋଖରୀକୁ ଯିବାଦ୍ୱାରା ସେମାନଙ୍କୁ ଅନେକ ଖାଦ୍ୟ ଯଥା-ଗେଣ୍ଡା, ଶାମୁକା, ଜଳକୀଟ ତଥା ପାଣି ଲତା ଇତ୍ୟାଦି ଅନାୟାସରେ ଖାଇବାପାଇଁ ମିଳିଥାଏ ।ଏହାଦ୍ୱାରା ସେମାନଙ୍କୁ ବାହାରର ଖାଦ୍ୟ ଆବଶ୍ୟକତା କମ୍ ପଡିଥାଏ । ପୁଣି ପାଣିରେ ବେଶୀ ସମୟ ରହୁଥିବାରୁ, ବାହାରର ଶତ୍ରୁ ଆକ୍ରମଣର ସମ୍ଭାବନା କମ୍ ହୋଇଯାଏ ।



କୁକୁଡ଼ା ଫାର୍ମରେ କୁକୁଡ଼ା ପାଳନ

## ବଡ଼କୁକୁଡ଼ା/ବତକ ପାଳନ ପଦ୍ଧତି

ବନରାଜା ଏବଂ କ୍ୟାରୀ-ଦେବେନ୍ଦ୍ର ଆଦି ଜାତୀୟ କୁକୁଡ଼ାମାନେ ମୁକ୍ତଅଗଣାରେ ପାଳିତ ହୋଇ ୩ ମାସ ବେଳକୁ ୧.୦-୧.୫ କି.ଗ୍ରା. ପର୍ଯ୍ୟନ୍ତ ଶାରିରୀକ ଓଜନ ଲାଭ କରିଥାନ୍ତି । ସେତେବେଳେ ସେମାନଙ୍କର ଖାଦ୍ୟାଭାବ ହେବାର ଯଥେଷ୍ଟ ସମ୍ଭାବନା ଥାଏ । ଏହି ସମୟରେ ଅଣ୍ଡିରା ଏବଂ ମାଈ କୁକୁଡ଼ାକୁ ଚିହ୍ନଟ କରିହୁଏ । ଅଣ୍ଡିରା କୁକୁଡ଼ା ଅଧିକ ଖାଇଥାନ୍ତି ଏବଂ ଆନୁପାତିକ ଭାବେ କମ୍ ବଢ଼ନ୍ତି । ପୁଣି ମାଈ କୁକୁଡ଼ାର ଖାଦ୍ୟ କମ୍ ହୋଇଗଲେ ସେ ଅଣ୍ଡା ଦେବାରେ ଅହେତୁକ ବିଳମ୍ବ କରିଥାଏ । ତେଣୁ ଏକ ଆଦର୍ଶ ପାଳନ ପଦ୍ଧତି

ହିସାବରେ ତିନିରୁ ସାଢ଼େ ତିନି ମାସ ଭିତରେ ଗୋଟିଏ କୁକୁଡ଼ାୟୁନିଟ୍‌ରେ ଥିବା ସମସ୍ତ ଅଣ୍ଡିରା କୁକୁଡାମାନଙ୍କୁ ବିକ୍ରି କରିଦେବା ଉଚିତ୍ । ଏହାଦ୍ୱାରା ପରିବେଶରୁ ତଥା ଘରୁ ବାହାରୁଥିବା/ମିଳୁଥିବା ଖାଦ୍ୟ କେବଳ ମାଈକୁକୁଡାମାନଙ୍କ ପାଇଁ ଉପଲବ୍ଧ ହୋଇଥାଏ ଏବଂ ଖାଦ୍ୟାଭାବ ପରିଲକ୍ଷିତ ହୁଏ ନାହିଁ । ଅନ୍ୟ ପକ୍ଷରେ ୧୦-୧୨ ଗୋଟି ଅଣ୍ଡିରା କୁକୁଡ଼ାବିକ୍ରିକରି ଚାଷୀ ଭଲ ରୋଜଗାର କରିଥାଏ । ଅଣ୍ଡିରା କୁକୁଡ଼ାଙ୍କ ଅନୁପସ୍ଥିତିରେ ମାଈ କୁକୁଡ଼ା ପାଖରୁ ଅଣ୍ଡା ମିଳିବା ଏକ ସାଧାରଣ ପ୍ରକ୍ରିୟା । ପାଞ୍ଚ ମାସ ବେଳକୁ ମାଈକୁକୁଡା ମାନେ ଅଣ୍ଡା ଦେବା ଆରମ୍ଭ କରିଥାଆନ୍ତି । ସେତେବେଳେ କ୍ୟାଲସିୟମ୍ ବା କ୍ୟାଲସିୟମ୍ ଯୁକ୍ତ ଖାଦ୍ୟ ଅଧିକ ଦେବା ଦରକାର । ଅନ୍ୟଥା ଅଣ୍ଡା ସଂଖ୍ୟା କମିଯାଏ ।



ବତକମାନେ (ଅଣ୍ଡାଦିଆ ପ୍ରଜାତି) କୁକୁଡ଼ା ତୁଳନାରେ ଶୀଘ୍ର ଅଣ୍ଡାଦେବା ଆରମ୍ଭ କରିଥାନ୍ତି । ତିନିମାସ ସୁଦ୍ଧା ହାରାହାରୀ ଓଜନ ୧.୦-୧.୫ କି.ଗ୍ରା.ଭିତରେ ରହିଥାଏ । ଏହି ସମୟରେ ଅଣ୍ଡିରା ବତକସବୁ ବିକ୍ରିକରିଦେବା ଉଚିତ । ପୋଖରୀରେ ଅଧିକ ପରିମାଣରେ ଗେଣ୍ଡା, ଶାମୁକା ଥିଲେ, ମାଈ ବତକକୁ ଭଲ କ୍ୟାଲସିୟମ୍ ଯୁକ୍ତ ଖାଦ୍ୟ ମିଳିଥାଏ ଏବଂ ଅଧିକ ଅଣ୍ଡା ଦେଇଥାଏ ।

## ଅଣ୍ଡିରା ଓ ମାଈ ବତକ ଚିହ୍ନିବାର ଉପାୟ

ସାଧାରଣତଃ ତିନିମାସ ବେଳକୁ ଚେହେରା ଦେଖି ଅଣ୍ଡିରା ଏବଂ ମାଈ ବତକ ମଧ୍ୟରେ ପ୍ରଭେଦବାରି ହୁଏ । ପ୍ରଥମତଃ ଅଣ୍ଡିରା ବତକମାନେ ଅଧିକ ଓଜନ ବିଶିଷ୍ଟ ହୋଇଥାଆନ୍ତି । ସେମାନଙ୍କର (ଅଣ୍ଡିରା) ଲାଞ୍ଜର ଅଗ୍ରଭାଗରେ ଥିବା ପରଟି କୁଣ୍ଡଳୀ ଆକୃତିର ହୋଇଥାଏ ଏବଂ ବେକ ପାଖରେ କଳା ରିଙ୍ଗ୍ ଥାଏ (ଖାକି କ୍ୟାମ୍ପବେଲ ପ୍ରଜାତି) । ମାତ୍ର ସ୍ୱର ହିଁ ସବୁଠାରୁ ବଡ଼ ଗୁଣ, ଯାହା ମାଈ ଓ ଅଣ୍ଡିରା ବତକ ମଧ୍ୟରେ ପ୍ରଭେଦବାରିବାରେ ବିଶେଷ ସହାୟକ ହୋଇଥାଏ । ତିନିରୁ ସାଢ଼େ ତିନି ମାସର ମାଈବତକ ଟିକୁ ଧରିଲେ ତାହା ଜୋର୍‌ରେ ଶବ୍ଦ କରିଥାଏ । ମାତ୍ର ଅଣ୍ଡିରା ବତକ ବହୁତ କମ୍ ଶବ୍ଦ କରେ, କାରଣ ତାର ସ୍ୱର ଗ୍ରନ୍ଥି ଏତେଟା କାର୍ଯ୍ୟକ୍ଷମ ହୋଇନଥାଏ ।

## ଅଣ୍ଡିରା ଓ ମାଈ ବତକ ଚିହ୍ନିବାର ଆବଶ୍ୟକତା

ଦିନିକିଆ ଛୁଆ ନେଇ ଆରମ୍ଭ କରିଥିବା ୟୁନିଟ୍‌ରେ ମାଈ ଓ ଅଣ୍ଡିରା ବତକର ଅନୁପାତ ପ୍ରାୟ ସମାନ ଥାଏ । ମାତ୍ର ୩-୩.୫ ମାସ ବେଳକୁ ଅଣ୍ଡିରା ବତକମାନେ ପାଖାପାଖି ୧.୫ -୨.୦ କି.ଗ୍ରା. ହୋଇଥାଆନ୍ତି ଏବଂ ବାହାରୁ ମିଳୁଥିବା ଖାଦ୍ୟସବୁକୁ ଖାଇଦିଅନ୍ତି । ଏପରି ସ୍ଥଳେ ମାଈ ବତକଗୁଡିକୁ ଖାଦ୍ୟାଭାବ ହୁଏ ଏବଂ ସେମାନଙ୍କର ପ୍ରଜନନ/ଅଣ୍ଡା ଦେବାରେ ଯଥେଷ୍ଟ ବିଳମ୍ବ ହୁଏ । ଅଣ୍ଡିରା ବତକ ମଧ ପରବର୍ତ୍ତୀ ସମୟରେ ଅପେକ୍ଷାକୃତ ଭାବେ କମ୍ ବଢ଼ିଥାଏ ଏବଂ ଅଧିକ ଖାଇଥାଏ । ତେଣୁ ୩-୩.୫ମାସ ବୟସରେ ଅଣ୍ଡିରା ବତକକୁ ଅଲଗା କରିଦେବା ଉଚିତ । ଏହି ସମୟରେ ସେମାନଙ୍କର ମାଂସ ନରମ ଥାଏ ଏବଂ ବଜାରରେ ଦର ମଧ ଭଲ ଥାଏ । ଚାଷୀକୁ ମଧ ଅଣ୍ଡା ଆସିବା ପୂର୍ବରୁ ଅଣ୍ଡିରାମାନଙ୍କୁ ବିକ୍ରିକଲେ ଏକକାଳୀନ ଅର୍ଥଲାଭ ହୋଇଥାଏ । ଅଣ୍ଡିରା ବତକରଉପସ୍ଥିତି, ମାଈ ବତକକୁ ଅଣ୍ଡା ଦେବା ଲାଗି ଅନାବଶ୍ୟକ ।




ମୁକ୍ତାଙ୍ଗନ କୁକୁଡ଼ା ପାଳନରେ ମଧ ଏହି ଉପାୟ ଅବଲମ୍ବନ କଲେ ମାଈ କୁକୁଡ଼ାମାନଙ୍କୁ ଅଧିକ ଖାଦ୍ୟ ମିଳିବା ସାଙ୍ଗକୁ ସେମାନେ କମ୍ ବୟସରେ ଅଣ୍ଡା ଦେବା ଆରମ୍ଭ କରନ୍ତି ଏବଂ ବେଶିଦିନ ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି ।

## ଅଣ୍ଡା ଉତ୍ପାଦନ

କ୍ୟାରୀଦେବେନ୍ଦ୍ର ଏବଂ ଗ୍ରାମପ୍ରୀୟା ଜାତୀୟ କୁକୁଡା ମୁକ୍ତାଙ୍ଗନ ରେ ପାଳିତ ହେଲେ ପ୍ରାୟ ୫ ମାସ ବେଳକୁ ଅଣ୍ଡା ଦେବା ଆରମ୍ଭ କରିଥାଆନ୍ତି । ପ୍ରଥମେ ପ୍ରଥମେ ସେମାନେ ଅନ୍ଧାରିଆ ତଥା ବୁଦା ମୂଳ ଜାଗାମାନଙ୍କରେ ଅଣ୍ଡା ଦେଇଥାନ୍ତି, ଯାହା ସହଜରେ ଜଣା ପଡ଼େନାହିଁ । ତେଣୁ ଦ୍ୱିପ୍ରହରରେ ମାଈ କୁକୁଡ଼ାମାନଙ୍କୁ ଘର ଭିତରେ ଘଣ୍ଟାଏ ରୁ ଦୁଇଘଣ୍ଟା ପର୍ଯ୍ୟନ୍ତ ଭର୍ତ୍ତିକରି ରଖିଲେ ସେମାନେ ଅଣ୍ଡା ଦେଇଥାନ୍ତି ଏବଂ ଧିରେ ଧିରେ ତାହା ଅଭ୍ୟାସରେ ପରିଣତ ହୋଇଯାଏ । ଘର ଭିତରେ ଚଉଡ଼ା ମୁହଁ ବିଶିଷ୍ଟ ମାଟି ହାଣ୍ଡିକୁ ଅଣେଇ କରି ରଖିଲେ କୁକୁଡ଼ାମାନେ ଗୋଟିକ ପରେ ଗୋଟିଏ ତା ଭିତରକୁ ଯାଇ ଅଣ୍ଡା ଦେଇ ଆସନ୍ତି । ଏହାଦ୍ୱାରା ଅଣ୍ଡା ଫାଟେ ନାହିଁ ଏବଂ ପରିଷ୍କାର ଅଣ୍ଡା ମିଳିଥାଏ ।

ବତକମାନେ ଭୋରରୁ କିମ୍ବା ଅତି ସକାଳେ ଅଣ୍ଡା ଦେଇଥାନ୍ତି । ତେଣୁ ବାହାରେ ଅଣ୍ଡା ଦେବା ପ୍ରାୟ ଦେଖିବାକୁ ମିଳିନଥାଏ । ଏମାନଙ୍କୁ ମଧ ହାଣ୍ଡିରେ ଅଣ୍ଡା ଦେବା ଅଭ୍ୟାସ କରାଯାଇଥାଏ । ବତକ ରହୁଥିବା ଘରର ଚଟାଣ ସଫା ନଥିଲେ ଅବା ଅସନା ହୋଇଥିଲେ ଅଣ୍ଡା ମଇଳା ହୋଇଯାଏ । ତେଣୁ ଶୁଖିଲା ବାଲି ବିଛାଇ ଥିଲେ ସଫା ସୁତୁରା ଅଣ୍ଡା ମିଳିପାରିବ ।

କୁକୁଡ଼ା/ବତକ ଅଣ୍ଡା ଦେବା ଆରମ୍ଭ କଲେ ସେମାନଙ୍କୁ ଭଲ ପୋଷଣ ସହିତ ଅଧିକ କ୍ୟାଲ୍‌ସିୟମ୍ ଏବଂ ଫସ୍‌ଫରସ୍ ମିଳିବା ଦରକାର, ତାହା ନ ହେଲେ ନିୟମିତ ଅଣ୍ଡା ମିଳେ ନାହିଁ ଏବଂ ସମୟ ସମୟରେ ନରମ ଖୋଳପା ଯୁକ୍ତ ଅଣ୍ଡା ମିଳେ । ସେଥିପାଇଁ ଅଣ୍ଡା ଦେଉଥିବା ମାଇକୁକୁଡ଼ା/ବତକମାନଙ୍କୁ ନିୟମିତ ବ୍ୟବଧାନରେ କ୍ୟାଲ୍‌ସିୟମ୍ ଓ ଫସ୍ ଫରସ୍ ଯୁକ୍ତ ତରଳ ଭିଟାମିନ୍ ପାଣିରେ ମିଶାଇ ଦେବା ଦରକାର । ମୁକ୍ତାଙ୍ଗନ କୁକୁଟ/ବତକ ପାଳନରେ ଦେଖାଯାଇଛି ଯେ ମାଇକୁକୁଡ଼ା ବା ବତକମାନେ ଥରେ ଅଣ୍ଡାଦିଆ ଆରମ୍ଭ କଲେ ତାହା ବର୍ଷେ ପର୍ଯ୍ୟନ୍ତ ଚାଲୁରହେ । ତା ପରେ ଧିରେ ଧିରେ ଅଣ୍ଡା ଦାନ ହାର କମିଯାଏ । ବତକମାନେ ଦୁଇ-ତିନି ବର୍ଷ ପର୍ଯ୍ୟନ୍ତ ଅଣ୍ଡା ଦେଇପାରନ୍ତି, ମାତ୍ର କମ୍ ସଂଖ୍ୟାରେ ଦିଅନ୍ତି । ତେଣୁ ବର୍ଷକ ପରେ ସେମାନଙ୍କୁ ବିକ୍ରି କରିଦେବା ଉଚିତ ।



## ରୋଗ ଓ ତା'ର ନିୟନ୍ତ୍ରଣ

### କୁକୁଡ଼ା

ମୁକ୍ତାଙ୍ଗନ କୁକୁଟ ପାଳନ ଜନିତ ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଅପେକ୍ଷାକୃତ ଅଧିକ । ମାତ୍ର ବେଳେ ବେଳେ କେତେକ ସଂକ୍ରାମକ ରୋଗରେ ଆକ୍ରାନ୍ତ ହୋଇ ବହୁତ ଗୁଡିଏ କୁକୁଡ଼ା ମରିଯାଆନ୍ତି ଏବଂ ଏହା ଚାଷୀକୁ ଭୀଷଣ ଆର୍ଥିକ କ୍ଷତିରେ ପକାଇଥାଏ । ଫାର୍ମ ମାନଙ୍କରେ ରଖାଯାଉଥିବା କୁକୁଡା ମାନଙ୍କୁ ବହୁତ ଗୁଡିଏ ରୋଗ ଦାଉରୁ ରକ୍ଷା କରିବା ପାଇଁ ପର୍ଯ୍ୟାୟକ୍ରମେ ଟୀକାକରଣ କରାଯାଇଥାଏ । ମାତ୍ର ମୁକ୍ତାଙ୍ଗନରେ ପାଳିତ କୁକୁଡା ପାଇଁ ଅଳ୍ପ କେତୋଟି ରୋଗକୁ ନିୟନ୍ତ୍ରଣ କରିବା ଦରକାର ହୋଇଥାଏ ।



୧) **ଘୁମାରୋଗ :** ଏହା ଏକ ଭୂତାଣୁ ଜନିତ ରୋଗ । ଧଳା ଏବଂ ପତଳା ମଳ ସାଙ୍ଗକୁ ଜଳୀୟ ଅଂଶ କ୍ଷୟଜନିତ ଶାରୀରୀକ ଦୁର୍ବଳତା ଏହାର ମୁଖ୍ୟ ଲକ୍ଷଣ । ଏଥିରେ ମୃତ୍ୟୁହାର ୮୦-୯୦ ପ୍ରତିଶତ ହୋଇଥାଏ । ଏହି ରୋଗ ଗୋଟିଏ ପଲ ରୁ ଅନ୍ୟପଲକୁ ଅତି କ୍ଷୀପ୍ର ଗତିରେ ମାଡିଯାଏ । ଜ୍ୱର ହେବା, ଖାଦ୍ୟ ନଖାଇବା ଏବଂ ଗୋଟିଏ ସ୍ଥାନରେ ଘୁମେଇ ହୋଇ ରହିବା ଏହି ରୋଗର ଅନ୍ୟ କେତେକ ଲକ୍ଷଣ ।


ପ୍ରତିଷେଧକ ବ୍ୟବସ୍ଥା ସ୍ୱରୁପ, କୁକୁଡ଼ା ଛୁଆଙ୍କୁ ୨-୭ ଦିନ ଭିତରେ ଆଖି ବା ନାକ ପୁଡ଼ାରେ ଘୁମାରୋଗ ଟୀକା (ଲାସୋଟା) ଏକ ବା ଦୁଇବୁନ୍ଦା ପକାଯାଏ । ପୁଣି ତୃତୀୟ ମାସରେ ଚମଡା ତଳେ ଆର.ଟୁ.ବି(R2B) ଇଞ୍ଜେକସନ୍ ଦେବା ଦରକାର । ଆବଶ୍ୟକସ୍ଥଳେ ୪ର୍ଥ ମାସରେ ଏହି ଇଞ୍ଜେକସନ୍ ବୁଷ୍ଟର ଆଉଥରେ ଦିଆଯାଏ । ଏହାଦ୍ୱାରା କୁକୁଡ଼ାକୁ ୧ ବର୍ଷ ପର୍ଯ୍ୟନ୍ତ ଘୁମାରୋଗ ଦାଉରୁ ପ୍ରାୟତଃ ମୁକ୍ତି ମିଳିଥାଏ । ମାତ୍ର ରୋଗ ନିରାକରଣ ପଦକ୍ଷେପ ସ୍ୱରୁପ ସଂଗଠିତ ଭାବେ ମୁକ୍ତାଙ୍ଗନ କୁକ୍କୁଟ ପାଳନ ଆରମ୍ଭ କରିବା ପୂର୍ବରୁ ଗାଁ ଅବା ସାହିରେ ଥିବା ସମସ୍ତ କୁକୁଡ଼ାମାନଙ୍କୁ ଆର.ଟୁ.ବି.(R2B) ଇଂଜେକ୍ସନ୍ ଥରଟିଏ ଦେବା ନିତ୍ୟାନ୍ତ ଜରୁରୀ । ଏହାଦ୍ୱାରା ପରବର୍ତ୍ତୀ ସମୟରେ ରୋଗର ପ୍ରାଦୁର୍ଭାବ ବହୁତ କମିଯାଏ ।

୨) **କୁକୁଡ଼ା ବସନ୍ତ :** ଏହା ମଧ ଏକ ଭୂତାଣୁ ଜନିତ ରୋଗ । ଏହି ରୋଗରେ ମୃତ୍ୟୁହାର ବହୁତ କମ୍, ମାତ୍ର ସଂକ୍ରମଣ କ୍ଷୀପ୍ର ଗତିରେ ହୋଇଥାଏ । କୁକୁଡାର ମୁହଁରେ, ଆଖି ପତାରେ, ନାକ ପୁଡ଼ାରେ, ମୁଣ୍ଡରେ ଏବଂ କେତେବେଳେ ଶରୀରର ଅନ୍ୟ ଜାଗାରେ ଚମଡ଼ାରେ ଫୋଟକା ହୋଇ ଘା ପରି ହୋଇଯିବା ସାଙ୍ଗକୁ ଜ୍ୱର, ଖାଦ୍ୟ ନଖାଇବା ଏବଂ ମାନ୍ଦା ହୋଇ ବସିରହିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ । ପ୍ରତିଷେଧକ ବ୍ୟବସ୍ଥା ସ୍ୱରୁପ, ଏହି ରୋଗର ଟୀକା ୧୦-୧୨ ସପ୍ତାହ ବୟସରେ କୁକୁଡ଼ାମାନଙ୍କୁ ବର୍ଷରେ ଥରେ ଦିଆଗଲେ ତାହାର ପ୍ରାଦୁର୍ଭାବ ପ୍ରାୟତଃ ଦେଖାଯାଏ ନାହିଁ ।

୩) **କୃମି ଜନିତ ରୋଗ :** ମୁକ୍ତାଙ୍ଗନରେ ବଢୁଥିବା କୁକୁଡ଼ାମାନେ ପରିବେଶରୁ ଖାଦ୍ୟ ସଂଗ୍ରହ କରୁଥିବାରୁ ସେମାନଙ୍କଠାରେ କୃମି ଜନିତ ରୋଗ ଦେଖାଦେବା ସ୍ୱାଭାବିକ । ଏହାଦ୍ୱାରା ବୟସ ବୃଦ୍ଧି ସାଙ୍ଗକୁ ଠିକ୍ ଭାବେ ଓଜନ ବଢ଼ିନଥାଏ । ଅଣ୍ଡା ଦେବାରେ ବିଳମ୍ବ ହୋଇଥାଏ ଏବଂ ରକ୍ତହୀନତା ମଧ ଦେଖାଯାଏ । ଏଥିପାଇଁ ୧୦-୧୨ ସପ୍ତାହ ମଧରେ କୁକୁଡ଼ାମାନଙ୍କୁ କୃମିଔଷଧ (ଅଲବେଣ୍ଡ/ ଜଲ ପାଉଡର) ପାଣିରେ ମିଶାଇ ଖାଇବାକୁ ଦିଆଯାଇଥାଏ । ପ୍ରତି ୩-୪ ମାସରେ ଥରେ ଲେଖାଏ ଏହି ଔଷଧ ଦେଲେ କୃମିରୋଗ ହେବାର ସମ୍ଭାବନା ଯଥେଷ୍ଟ କମିଯାଏ ।

ଏହା ବ୍ୟତୀତ ସମୟ ସମୟରେ ଅନ୍ୟାନ୍ୟ ରୋଗ ଅବା ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଲେ, ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେବା ବାଞ୍ଛନୀୟ ।

## ବତକ



କୁକୁଡ଼ା ତୁଳନାରେ ବତକମାନଙ୍କର ରୋଗ ସିମୀତ । ମାତ୍ର ପାରିପାର୍ଶ୍ୱିକ ଅବସ୍ଥାର ଅବନତି ଘଟିଲେ ଅବା ପାଣିର ଅଭାବ ହେଲେ, ବତକମାନଙ୍କ ଠାରେ କେତେକ ରୋଗ ପରିଲକ୍ଷିତ ହୁଏ, ଏହାଦ୍ୱାରା ସ୍ୱାସ୍ଥ୍ୟର ଅବନତି ଘଟିବା ସଙ୍ଗେ ସଙ୍ଗେ ଅଣ୍ଡା ଦେବା ହାର ମଧ୍ୟ କମିଯାଏ ।

୧) **ଡକ୍ ପ୍ଲେଗ :** ଏହା ଏକ ଭୁତାଣୁ ଜନିତ ମାରାତ୍ମକ ରୋଗ । ଏହି ରୋଗରେ ମୃତ୍ୟୁହାର ପ୍ରାୟତଃ ଶତପ୍ରତିଶତ ଅଟେ । ଅତ୍ୟନ୍ତ ପତଳା ଝାଡ଼ା (ରକ୍ତମିଶା) ସାଙ୍ଗକୁ ଜ୍ୱର, ଦୁର୍ବଳତା ଏବଂ ବହୁତ କମ୍ ସମୟ ଭିତରେ ମରିଯିବା ଏହି ରୋଗର ପ୍ରମୁଖ ଲକ୍ଷଣ ଅଟେ । ରୋଗ ନିରୁପଣ ହୋଇ ଚିକିତ୍ସା ଆରମ୍ଭ ହେଲା ବେଳକୁ ବତକମାନେ ପ୍ରାୟ ମରିଯାଆନ୍ତି । ଥରେ ରୋଗ ଆରମ୍ଭ ହୋଇଗଲେ କେବଳ ଏଣ୍ଟିବାୟୋଟିକ, ଇଲେକ୍ଟ୍ରୋଲ ମିଶା ପାଣି ଦେବା ବ୍ୟତୀତ ଆଉ କିଛି କରିବା ପାଇଁ ନଥାଏ । ମାତ୍ର ପ୍ରତିଷେଧକ ବ୍ୟବସ୍ଥା ସ୍ୱରୁପ ୨ ମାସର ବତକମାନଙ୍କୁ "ଡକ୍ ପ୍ଲେଗ୍" ଟୀକା ଦେଲେ ତାହା ୧ ବର୍ଷ ପର୍ଯ୍ୟନ୍ତ ଶରୀର ଭିତରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି କରିଥାଏ ।

୨) **ଡକ୍ ହେପାଟାଇଟିସ୍ :** ଏହା ମଧ୍ୟ ଏକ ଭୁତାଣୁ ଜନିତ ରୋଗ । ଏହି ରୋଗ ଅତି ଛୋଟ (୫ ସପ୍ତାହ ତଳକୁ) ବତକ ଛୁଆମାନଙ୍କଠାରେ ଦେଖାଯାଏ । ଥରେ ଏହି ରୋଗର ଭୁତାଣୁ ବତକଠାରେ ଦେଖାଗଲେ ତାହା କ୍ଷୀପ୍ର ଗତିରେ ଅନ୍ୟମାନଙ୍କୁ ସଂକ୍ରମିତ ହୁଏ । ପତଳା ସବୁଜ ରଙ୍ଗର ଝାଡ଼ା ସହିତ ଛୋଟେଇବା ଏବଂ ଆଖି ବନ୍ଦ ରହିବା ଇତ୍ୟାଦି ଏହି ରୋଗର ଲକ୍ଷଣ ।ଏହି ରୋଗ ହେଲେ ଯକୃତ ଅପେକ୍ଷାକୃତ ବଡ଼ ହୋଇଯାଏ ଏବଂ ସେଥିରେ ରକ୍ତ ଦାଗ ଦେଖାଯାଏ । କେତେକ କ୍ଷେତ୍ରରେ ବୃକକ୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାଏ । ଏହି ରୋଗ ପାଇଁ ୩-୪ ମାସ ମଧ୍ୟରେ ଟୀକାକରଣ କରାଗଲେ ତାହା ରୋଗ ପ୍ରତିରୋଧ ଶକ୍ତି ସୃଷ୍ଟି କରିଥାଏ ।

୩) **ବତକ ହଇଜା :** ଏହା ଏକ ଜୀବାଣୁଜନିତ ରୋଗ । ଏହା ସାଧାରଣତଃ ୧ ମାସରୁ ଉର୍ଦ୍ଧ୍ୱ ବତକ ମାନଙ୍କଠାରେ ଦେଖାଯାଏ । ଜ୍ୱର, ଲାଳଯୁକ୍ତ ସବୁଜ ପତଳା ଝାଡା ସାଙ୍ଗକୁ ଖାଦ୍ୟ ନ ଖାଇବା ଏବଂ ପର ଛିଡା ହୋଇଯିବା ଇତ୍ୟାଦି ଏହି ରୋଗର ଲକ୍ଷଣ । ଥରେ ରୋଗ ଦେଖାଦେଲେ, ସମସ୍ତ ବତକମାନଙ୍କୁ ଏଣ୍ଟିବାୟୋଟିକ ୩-୫ ଦିନ ପର୍ଯ୍ୟନ୍ତ ଦେବା ସହିତ ସଫା ସୁତୁରା ଘରେ ରଖିବା ଦରକାର । ମାତ୍ର ଏହି ରୋଗର ପ୍ରତିଷେଧକ ଭାବେ ୨-୩ ମାସ ବୟସରେ ବତକମାନଙ୍କୁ ଟୀକା କରଣ କରିବା ଦରକାର ।

## "ଧାନ-ବତକ-ମାଛ" ସମନ୍ୱିତ କୃଷି

ଆଜିକାଲି ସରକାରୀ ଏବଂ ବେସରକାରୀ ସ୍ତରରେ ସମନ୍ୱିତ କୃଷି ପାଇଁ ଚାଷୀମାନଙ୍କୁ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ଦିଆଯାଉଛି । "ଧାନ-ବତକ-ମାଛ" ଏପରି ଏକ ସମନ୍ୱିତ କୃଷି ଯେଉଁଥିରେ ଗୋଟିଏ ଜମିରେ ତିନିଗୋଟି ଫସଲ ଏକା ସାଙ୍ଗରେ ଅମଳ ହୋଇଥାଏ ଏବଂ ଲାଭ ମଧ୍ୟ ୨.୫ ଗୁଣ ଅଧିକ ମିଳିଥାଏ । ଏହିଭଳି କୃଷିରେ ନିମ୍ନଲିଖିତ କେତେଗୁଡ଼ିଏ ବିଶେଷ ଲାଭ ପରିଲକ୍ଷିତ ହୁଏ ।

୧) ବତକର ମଳ ଧାନ ପାଇଁ ଆବଶ୍ୟକୀୟ ଯବକ୍ଷାରଜାନ ଯୋଗାଇଥାଏ ଏବଂ ପାଣିରେ ମାଛ ପାଇଁ ଖାଦ୍ୟ "ପ୍ଲାଙ୍କଟନ" ସୃଷ୍ଟି କରିଥାଏ।
୨) ଧାନ ବିଲରେ ଥିବା ଗେଣ୍ଡା, ଶାମୁକା ଏବଂ କେତେକ ଜଳଜ ଉଦ୍ଭିଦ ବତକ ପାଇଁ ଭଲ ଖାଦ୍ୟ ଯୋଗାଇପାରେ।
୩) ଧାନ ପାଇଁ ରାସାୟନିକ ସାର ପ୍ରୟୋଗର ଆବଶ୍ୟକତା ବହୁତ କମିଯାଏ।
୪) ମାଛ ପାଇଁ ବାହାର ଖାଦ୍ୟର ମଧ ଆବଶ୍ୟକତା ନଥାଏ।
୫) ଜମିର ମାଟି ହାଲୁକା ରହେ।
୬) ଧାନରେ ଦେଖାଯାଉଥିବା କାଣ୍ଡବିନ୍ଧା ରୋଗ ମଧ ନିୟନ୍ତ୍ରିତ ହୋଇଥାଏ।



## ପ୍ରଣାଳୀ

ଜମିର ଭିତର ପାଖରେ ହିଡ଼/ବନ୍ଧକୁ ଲାଗି ୧୦ ଫୁଟ ଓସାରର ଜାଗାକୁ ୧ ଫୁଟ ଗହୀର କରିବାକୁ ପଡିବ। ଜମିର ମଝି ଜାଗାରେ କେବଳ ଧାନ ଚାଷ କରାଯିବ। ଜମିରେ ଯଥେଷ୍ଟ ଗୋବର ଖତ ସାଙ୍ଗକୁ ଆବଶ୍ୟକ ପରିମାଣର ରାସାୟନିକ ସାର (ଏନ୍.ପି.କେ) ଏବଂ କୀଟନାଶକ ଔଷଧ ପ୍ରୟୋଗ କରାଯାଇ ଯଥାରିତୀ ଧାନ ଗଛ 'ଶ୍ରୀ ପଦ୍ଧତି' ରେ ରୁଆଯାଇଥାଏ।

ଏହି ସମୟରେ ଅନ୍ୟ ସ୍ଥାନରେ ବତକ ଛୁଆ (୧୦୦ ଗୋଟି/ହେକ୍ଟର ପ୍ରତି) ବ୍ରୁଡିଂ କରାଯାଇଥାଏ। ତଳି ରୁଆ ହେବାର ୧୫-୨୦ ଦିନ ପରେ ଧାନ ଜମିରେ ଭଲ ଭାବେ ପାଣି ଭର୍ତ୍ତି କରାଯାଏ। ପରବର୍ତ୍ତୀ ପର୍ଯ୍ୟାୟରେ ମାଛ ଜାଆଁଳ (ରୋହି /ଭାକୁର ଫିଙ୍ଗରଲିଙ୍ଗ୍) ୨୦୦୦/୩୦୦୦/- ହେକ୍ଟର ପ୍ରତି ଧାନ ବିଲରେ ଛଡ଼ାଯାଏ। ଏହା ପରେ ମାସିକିଆ ବତକମାନଙ୍କୁ ମଧ ଧାନ ଜମିରେ ପ୍ରବେଶ କରିବାକୁ ସୁଯୋଗ ଦିଆଯାଏ। ପ୍ରାୟ ତିନିମାସ ପର୍ଯ୍ୟନ୍ତ ଧାନ, ମାଛ ଓ ବତକ ଗୋଟିଏ ସ୍ଥାନରେ ଏବଂ ଗୋଟିଏ ପରିବେଶରେ ବଢ଼ିବାର ସୁଯୋଗ ପାଆନ୍ତି। ଏଠାରେ ଲକ୍ଷ୍ୟ ରଖିବାକୁ ପଡିବ ଯେ ଧାନ ବିଲରେ ପାଣି ସବୁ ସମୟରେ ରହୁଥିବ। ଅଢ଼େଇ ମାସରୁ ତିନି ମାସ ବେଳକୁ ଅଣ୍ଡିରା ବତକମାନଙ୍କୁ ବାଛି ବଜାରରେ ବିକ୍ରି କରିଦେଲେ ଚାଷୀକୁ କିଛି ରୋଜଗାର ମିଳିବ ଏବଂ ମାଈ ବତକମାନଙ୍କୁ ଖାଦ୍ୟର ଅଭାବ ରହିବ ନାହିଁ। ଏହା ବ୍ୟତୀତ ଥରେ ମାଛ ଏବଂ ବତକ ଜମିରେ ଛଡ଼ାଗଲେ, ଆଉ କୀଟନାଶକ ଔଷଧ ପ୍ରୟୋଗ କରାଯିବ ନାହିଁ।



ପ୍ରାୟ ୧୦୦ ଦିନ ଭିତରେ ଧାନ ପାଚିଥାଏ ଏବଂ ଅମଳ ଆରମ୍ଭ କରାଯାଇଥାଏ । ସେତେବେଳକୁ ଧାନ ବିଲ ଭିତରେ ପାଣି ଶୁଖିଯାଏ ଏବଂ ଚାରିପଟେ ଥିବା ସ୍ଥାନରେ ପାଣି ଅଟକି ରହେ । ମାଛ ଏବଂ ବତକ ଆଉ ଧାନ ଭିତରକୁ ନ ଯାଇ ସେହି ଗହୀର ପାଣିରେ କିଛିଦିନ ପାଇଁ ରହନ୍ତି । ଦେଖାଯାଇଛି ଯେ ଏହି ସମୟ (୪-୪.୫ ମାସ) ଭିତରେ ମାଛମାନଙ୍କର ହାରାହାରୀ ଓଜନ ୭୦୦-୯୦୦ ଗ୍ରା. ହୋଇଥାଏ । ମାଈ ବତକମାନେ ଅଣ୍ଡା ଦେବା ପାଇଁ ପ୍ରସ୍ତୁତି ହେଉଥାନ୍ତି । ଆମ ଦେଶର ସମୁଦ୍ର ଉପକୂଳବର୍ତ୍ତୀ ରାଜ୍ୟମାନଙ୍କରେ ଏଭଳି ସମନ୍ୱିତ କୃଷି କରାଯାଇ ଚାଷୀମାନେ ଅଧିକ ଲାଭ ପାଇପାରିବେ ।

## ମୁକ୍ତାଙ୍ଗନ କୁକୁଡ଼ା ଏବଂ ବତକ ପାଳନରେ ଆୟ-ବ୍ୟୟର ହିସାବ

### କୁକୁଡ଼ା ପାଳନ : (୨୫ ଗୋଟି କୁକୁଡା ଛୁଆ ବିଶିଷ୍ଟ ଏକ ୟୁନିଟ ପାଇଁ)

**ଖର୍ଚ୍ଚ:-**

| | | |
|---|---|---|
| ଦିନିକିଆ କୁକୁଡ଼ା ଛୁଆର ଦାମ୍ (୨୫ ଗୋଟି , ୨୦ ଟଙ୍କା ପ୍ରତି) | : | ଟ. ୫୦୦ |
| ଛୁଆ ଦାନା (ଆନୁମାନିକ) (୨୦ ଦିନ ପାଇଁ ୧୦ କି.ଗ୍ରା., ୟୁନିଟ୍ ପ୍ରତି, ୩୦ ଟଙ୍କା / କି.ଗ୍ରା.) | : | ଟ. ୩୦୦ |
| ଔଷଧ ଓ ଟୀକା କରଣ ଖର୍ଚ୍ଚ (୧୦ ଟଙ୍କା କୁକୁଡ଼ା ପ୍ରତି) | : | ଟ. ୨୫୦ |
| ବଲ୍ବ , ତାର, ଚଷୁ ଇତ୍ୟାଦି (୧୦ ଟଙ୍କା କୁକୁଡ଼ା ପ୍ରତି) | : | ଟ. ୨୫୦ |
| **ମୋଟ ଖର୍ଚ୍ଚ (ଆନୁମାନିକ)** | = | **ଟ.୧,୩୦୦/-** |

### ଆୟ (ଆନୁମାନିକ) : (ମୃତ୍ୟୁହାର ୨୦ ପ୍ରତିଶତ ହିସାବରେ)

| | | |
|---|---|---|
| ମାଂସ ଉପଯୋଗୀ ୧୦ ଗୋଟି ଅଣ୍ଡିରା କୁକୁଡ଼ା (ଗୋଟା ୪୦୦ ଟଙ୍କା) | : | ଟ. ୪,୦୦୦/- |
| ଅଣ୍ଡା (୧୦ ଟି ମାଈ କୁକୁଡ଼ା, ୧୫୦ ଟି ଅଣ୍ଡା ପ୍ରତି କୁକୁଡ଼ା, ଅଣ୍ଡା ଗୋଟା ୭ ଟଙ୍କା) | : | ଟ.୧୦,୫୦୦/- |
| ମାଈକୁକୁଡ଼ା (୧୦ ଗୋଟି ଅଣ୍ଡା ଦେବାପରେ, ୩୫୦ ଟଙ୍କା ପ୍ରତି) | : | ଟ. ୩, ୫୦୦/- |
| **ମୋଟ ଆୟ (ଆନୁମାନିକ)** | = | **ଟ.୧୮,୦୦୦** |

ମୋଟାମୋଟି ଲାଭ(ଆନୁମାନିକ) = ଆୟ - ଖର୍ଚ୍ଚ = ଟ. ୧୮,୦୦୦ - ଟ. ୧,୩୦୦
= ଟ. ୧୬,୭୦୦/- (ଷୋହଳ ହଜାର ଶାତ ସହ ଟଙ୍କା ୟୁନିଟ୍ ପ୍ରତି)

## ପଲିଥିନ ପୋଖରୀରେ ବତକ ପାଳନ

ବତକ ପାଳନ ପାଇଁ ପାଣିର ଆବଶ୍ୟକତା ଅଛି, ମାତ୍ର ପୋଖରୀ ଟିଏ ଆବଶ୍ୟକ ହୋଇ ନ ପାରେ, ଦଶଫୁଟ ଲମ୍ବ, ପାଞ୍ଚ ଫୁଟ ଓସାର ଏବଂ ଦୁଇ ଫୁଟ ଗଭୀର (୧୦" x ୫" x ୨") ଥାଇ ଏକ କୃତ୍ରିମ ଜଳାଶୟ ତିଆରି କରାଯାଇପାରିବ ଯେଉଁଥିରେ ଏକ ୧୦ ଫୁଟ ଓସାର ବିଶିଷ୍ଟ ୧୫ ଫୁଟ ଲମ୍ବା ପଲିଥିନକୁ ସମ୍ପୂର୍ଣ୍ଣ ଭାବେ ବିଛାଇ ଦିଆଯାଏ, ଏହାଦ୍ୱାରା ପାଣି ଶୁଖିବ ନାହିଁ। ଛାଇ ଜାଗାରେ ଏଭଳି ଏକ କୃତ୍ରିମ ଜଳାଶୟ ତିଆରି କରି ବତକମାନଙ୍କର ପାଣିର ଆବଶ୍ୟକତାକୁ ପୁରଣ କରି ଯାଇ ପାରିବ।



ପଚିଶ ରୁ ତିରିଶ ଗୋଟି ବତକ ଛୁଆକୁ (ଖାକି କ୍ୟାମ୍ପବେଲ) ଯଥାରିତୀ ୧୫ ଦିନ ବୃଡିଂ କରି ସାରିଲା ପରେ ଧୀରେ ଧୀରେ ପଲିଥିନ ପୋଖରୀକୁ ଛାଡ଼ିଲେ ସେମାନେ ପାଣିରେ ପହଁରନ୍ତି ଏବଂ ଆଖି ପରିଷ୍କାର କରିଥାନ୍ତି। ବତକ ଛୁଆମାନଙ୍କୁ ଘରେ ବଳି ପଡୁଥିବା ବଳକା ଖାଦ୍ୟ, ପରିବା ଚୋପା, ମାଛକାତି ଇତ୍ୟାଦି ଖାଦ୍ୟ ଦେଲେ ସେମାନଙ୍କର ଖାଦ୍ୟ ପାଇଁ ପଇସା ଖର୍ଚ୍ଚ କରିବାକୁ ପଡ଼ି ନ ଥାଏ। ଏହା ବ୍ୟତୀତ ସେମାନେ ଅଗଣାରେ ଚରିବୁଲି ସେମାନଙ୍କର ଖାଦ୍ୟ ସଂଗ୍ରହ କରିଥାନ୍ତି। ତିନିମାସ ବେଳକୁ ସମସ୍ତ ଅଣ୍ଡିରା ବତକଙ୍କୁ ମାଂସ ପାଇଁ ବିକ୍ରି କରି ଦେବା ଦରକାର। ପରବର୍ତ୍ତୀ ସମୟରେ ୧୦-୧୫ଟି ମାଇ ବତକକୁ ଠିକ୍ ଭାବେ ପାଳନ କରିପାରିଲେ ୫ମାସ ବେଳକୁ ସେମାନେ ଅଣ୍ଡା ଦେବା ଆରମ୍ଭ କରିଥାନ୍ତି। ଏଭଳି ପାଳନ ପଦ୍ଧତିରେ ବଜାରରୁ ଖାଦ୍ୟ କିଣି ଦେବାର ପ୍ରୟୋଜନ ନ ଥାଏ। ମଝିରେ ମଝିରେ କ୍ୟାଲସିୟମ, ଭିଟାମିନ ଦେଉଥିଲେ ବର୍ଷେ ପର୍ଯ୍ୟନ୍ତ ଦିନକୁ ହାରାହାରି ୮-୧୦ଟି ଅଣ୍ଡା ମିଳିଥାଏ। ଏହି ଅଣ୍ଡା କେବଳ ପରିବାର ପାଇଁ ସୁଷମ ଖାଦ୍ୟ ଆବଶ୍ୟକତା ମେଣ୍ଟାଇ ନ ଥାଏ, ବରଂ ବର୍ଷକରେ ୧୮-୨୦ ହଜାର ରୋଜଗାର ଦେବାପାଇଁ ପନ୍ଥା ପାଲଟି ଥାଏ, ନାରୀମାନଙ୍କର ଆତ୍ମନିଯୁକ୍ତି ପାଇଁ ଏହା ଏକ ବିଶେଷ ତଥା ନିର୍ଭର ଯୋଗ୍ୟ ମାଧ୍ୟମ/ପନ୍ଥା ଅଟେ।

**ବି: ଦ୍ର :**

ହିସାବକୁ ନିଆଯାଇଥିବା ଅଣ୍ଡା କେବଳ ବିକ୍ରି ହେଉଥିବା ଅଣ୍ଡା ଅଟେ । ମାତ୍ର ବିଶେଷ ଅନୁଭୂତିରୁ ପରିଲକ୍ଷିତ ହୋଇଛି ଯେ ପ୍ରାୟ ଦିନକୁ ହାରାହାରି ୨ଟି (ସପ୍ତାହକୁ ୧୪ଟି) ଅଣ୍ଡା ପରିବାରରେ ଖାଇବା ପାଇଁ ବ୍ୟବହୃତ ହୋଇଥାଏ । ତେଣୁ ଉପରୋକ୍ତ ଲାଭ ବ୍ୟତୀତ ଚାଷୀ ପରିବାରରେ ଛୋଟ ପିଲା ଏବଂ ଅନ୍ୟାନ୍ୟ ସଦସ୍ୟମାନେ ସନ୍ତୁଳିତ ପୋଷଣ ପାଇବାରେ ଏହି ଅଣ୍ଡାର ଉପଯୋଗ ହୋଇଥାଏ ।

## ଶେଷକଥା / ଉପସଂହାର

ମୁକ୍ତାଙ୍ଗନ କୁକ୍କୁଟ ଏବଂ ବତକ ପାଳନ ନିଶ୍ଚିତ ଭାବେ ଏକ ଲାଭଜନକ ତଥା ପରିବାରକୁ ସୁଷମ ଖାଦ୍ୟ ଯୋଗାଇବାରେ ଏକ ସହଜ ଉପାୟ, ବିଶେଷକରି ମହିଳାମାନଙ୍କର ଯୋଗଦାନ ଏବଂ ଆଗ୍ରହ ଏହି ପ୍ରକ୍ରିୟାକୁ ବିଶେଷଭାବେ ତ୍ୱରାନ୍ୱିତ କରିପାରିବ । ପିଲାମାନଙ୍କୁ ସନ୍ତୁଳିତ ଖାଦ୍ୟ ଯୋଗାଇବା ପାଇଁ ଆଜିକାଲି ସରକାରଙ୍କ ତରଫରୁ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଦେବାପାଇଁ ପ୍ରାଥମିକ ସ୍କୁଲ ପରିଚାଳନା କମିଟିକୁ ବାଧ କରାଯାଉଛି । ଏପରି ସ୍ଥଳେ ଗାଁଗଣ୍ଡାରେ ଘରେ ଘରେ ମୁକ୍ତାଙ୍ଗନ କୁକ୍କୁଟ ପାଳନକୁ ପ୍ରୋତ୍ସାହିତ କରିବାର ଦାୟିତ୍ୱ ମଧ ସରକାରୀ ଅଥବା ବେସରକାରୀ ସ୍ତରରେ ହେବା ଦରକାର । ଆବଶ୍ୟକୀୟ ଉପାଦାନ ସାଙ୍ଗକୁ ସମ୍ୟକ ପ୍ରଶିକ୍ଷଣ ଦେଇ ବେକାର ଯୁବକ ଯୁବତୀଙ୍କୁ ଏହି ପ୍ରକ୍ରିୟାରେ ସାମିଲ ହୋଇପାରିଲେ ଆମ ଦେଶ ଯେ ଦିନେ ଅଣ୍ଡା ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିପାରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

